# Akashvani, Sambalpur

## SAMBALPURI NEWS BULLETIN

### 5 July 2024- 6.47- 6.52 am.

*********************************************

ରତ୍ନଭଣ୍ଡାର୍ ନୂଆଁ କମିଟି ଆର୍ଏନ୍ୟୁ /ସମ୍ବଲପୁର

ପୁରୀ ଶ୍ରୀମନ୍ଦିର୍ ରତ୍ନଭଣ୍ଡାର୍ ଖୁଲ୍ବାର୍ ଲାଗି ରାଜ୍ୟ ସର୍କାର୍ ନିଷ୍ପତି ନେଇଛନ୍ । ଇଥିର୍ଲାଗି ରାଜ୍ୟ ସର୍କାର୍ ଗୁଟେ ନୂଆଁ କମିଟି ଗଠନ୍ କରିଛନ୍ ।

ହାଇକୋର୍ଟର ଆଘର୍ ବିଚାର୍ପତି ଜଷ୍ଟିସ୍ ବିଶ୍ୱନାଥ ରଥଙ୍କୁ ଇ କମିଟିର୍ ଅଧକ୍ଷ କରାଯାଇଛେ । ତାଙ୍କର୍ ସହେତେ ଇ କମିଟିଥି ୧୬ ଜନ୍ ଭିନ୍ ଭିନ୍ ବର୍ଗର୍ ବ୍ୟକ୍ତିବିଶେଷଙ୍କୁ ରଖାଯାଇଥିବାର୍ ରାଜ୍ୟ ଆଇନ୍ ବିଭାଗ୍ର ବିଜ୍ଞପ୍ତିନୁ ଜନାପଡ଼ିଛେ । ନୂଆଁ କମିଟି - ରତ୍ନଭଣ୍ଡାର୍ର ଗନ୍ତି କାମ୍ର ଅନୁଧ୍ୟାନ୍ କର୍ବା । ଆଏବାକାଏଲ୍ କମିଟିର୍ ବୈଠକ୍ ବସ୍ବା ଆଉ ରତ୍ନଭଣ୍ଡାର୍ ଖୁଲ୍ବାର୍ ବିଷେଥି ନିଷ୍ପତି ନିଆଯିବା ବଲି ଜନାପଡ଼ିଛେ ।

ଇ ବାବ୍ଦେ ଆଇନ୍ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍ କହିଛନ୍ ଯେ, ରତ୍ନଭଣ୍ଡାର୍ ବାବ୍ଦେ ରାଜ୍ୟବାସୀଙ୍କର୍ ବହୁତ୍ ଆଶ୍ ରହିଛେ । ଇ

କମିଟିର୍ ଦେଖ୍‌ରେଖ୍‌ଥି ରତ୍ନଭଣ୍ଡାର୍ ଖୁଲାଯିବା ବଲି ସେ କହିଛନ୍ ।

ଲୋକ୍‌ସେବା ଅଧିକାର୍‌ଥି ୫ ସେବା ସାମିଲ୍

ଆର୍‌ଏନ୍‌ୟୁ /ସମ୍ବଲପୁର

ଗୃହ ଆଉ ନଗର୍ ଉନ୍ନୟନ୍ ବିଭାଗ୍ ତର୍‌ଫୁ ଦିଆଯାଉଥିବାର୍ ଆଉ ୫ ଟା ସେବାକେ ରାଜ୍ୟ ସର୍‌କାର୍ ଓଡ଼ିଶା ଲୋକସେବା ଅଧିକାର୍ ଅଧିନିୟମ୍ ୨୦୧୨ଥି ସାମିଲ୍ କରିଛନ୍ । ଇତାକେ କାର୍ଯ୍ୟକାରୀ କର୍‌ବାର୍ ଲାଗି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ୍ ଦେଇଛନ୍ । ଇ ନୂଆଁ ୫ ଟା ସେବା ଭିତ୍‌ରେ ବିଲ୍‌ଡିଂ ପ୍ଲାନ୍ ବଦ୍‌ଲାବାର୍ ଆର୍ ସଂଯୋଗ୍ ସଂଶୋଧନ୍ ଲାଗି ଅନୁମତି ମିଲ୍‌ବା । ଇତାର୍‌ଲାଗି ୧୦ ନୁ ୩୦ ଦିନ୍ ସମିଆ ସୀମା ଧାରିଜ୍ କରାଯାଇଛେ । ହେନ୍ତା ବିଲ୍‌ଡିଂ ପ୍ଲାନ୍‌କେ ଫେର୍‌ଘାଏ ବୈଧ କର୍‌ବାର୍ ଲାଗି ଅନୁମତି ସମିଆ ୭ ଦିନ୍ ରଖାଯାଇଛେ । ଆବେଦନ୍‌ର ୭ ଦିନ୍ ଭିତ୍‌ରେ ପ୍ଲିନ୍ଥ ଅନୁମୋଦନ୍ ମିଲ୍‌ବା । ଇତାର୍‌ସହେତେ ଟ୍ରେଡ୍ ଲାଇସେନ୍ସର ପ୍ରୋଭିଜନାଲ୍ ସାର୍ଟିଫିକେଟ୍ ଆବେଦନ୍‌ର ଗୁଟେ ଦିନେ ମିଲ୍‌ବା । ଟ୍ରେଡ୍ ଲାଇସନ୍ସର ଫାଇନାଲ୍ ସାର୍ଟିଫିକେଟ୍ ଲାଗି ୩୦ ଦିନ୍

ସମିଆ ରଖାଯାଇଛେ । ଇସବୁ ସେବାକେ ଖୋବ୍ ଜଲ୍‌ଦି ବିଜ୍ଞପିତ୍ କରାଯାଇକରି ଲୁକ୍‌କୁ ଧାରିଜ୍ ସମିଆ ଭିତ୍‌ରେ ସେବା ଯୁଗେଇ ଦିଆଯିବା ବଲି ସୂଚ୍‌ନା ମିଲିଛେ ।

୧ ଟଙ୍କାଥି ପ୍ରଧାନ୍‌ମନ୍ତ୍ରୀ ଫସଲ୍ ବୀମା ଆର୍‌ଏନ୍‌ୟୁ /ସମ୍ବଲପୁର

ରାଜ୍ୟର୍ ଚାଷୀମାନେ ଏତ୍‌କର ୧ ଟଙ୍କା ପ୍ରିମିୟମ୍‌ଥି ପ୍ରଧାନ୍‌ମନ୍ତ୍ରୀ ଫସଲ୍ ବୀମା ସୁବିଧା ପାଏବେ । ସମବାୟ ବିଭାଗ୍ ତର୍‌ଫୁ ଇ ବାବ୍‌ଦେ ଗଲାକାଏଲ୍ ଜିଲ୍ଲାପାଲ୍‌ମାନ୍‌କୁ ଚିଠି ଲେଖାଯାଇଛେ । ଚିଠିଥି କୁହାଯାଇଛେ ଯେ, ଋଣ ନେଇଥିବା ଚାଷୀମାନ୍‌କୁ ପ୍ରଧାନ୍‌ମନ୍ତ୍ରୀ ଫସଲ୍‌ବୀମା ଯୋଜ୍‌ନା ଅଧୀନ୍‌ଥି ପଞ୍ଜିକରଣ୍ କର୍‌ବାର୍‌କେ ପଡ଼୍‌ବା ।

ହେନ୍ତା ୧ ଲାଖ୍ ଟଙ୍କାତକ୍ ଫସଲ୍ ଋଣ ଉପ୍‌ରେ ଚାଷୀମାନ୍‌କୁ ସୁଧ ଦେବାର୍‌କେ ନାଇଁ ପଡ଼େ । ୧ ନୁ ୩ ଲାଖ୍ ଟଙ୍କାତକ୍ ଋଣ ଉପ୍‌ରେ ୨ ପ୍ରତିଶତ୍ ସୁଧ ଦେବାର୍‌କେ ହେବା । ଚଲ୍‌ତି ଖରିଫ୍ ଋତୁ ନ ରାଜ୍ୟ ସର୍‌କାର୍ ଚାଷୀମାନ୍‌କୁ ୧୧ ହଜାର୍ କୋଟି ଟଙ୍କାର୍ ଋଣ ଯୁଗାବେ । ଜିଲ୍ଲା କେନ୍ଦ୍ର ସମବାୟ

ବେଙ୍କ୍ ସହେତେ ଜିଲ୍ଲାସ୍ତର୍ ନ ଫସଲ୍ ଋଣ ବିତରଣ୍ ଲାଗି ସୀମା ଧାରିଜ୍ କରାଯାଇଛେ ।
ଇନ ଜନେଇ ଦିଆଯାଇପାରେ ଯେ, ଗଲା ବଛର୍ ଖରିଫ୍ ଋତୁ ନ ୯ ହଜାର୍ ୭ ଶହ ୧୮ କୋଟି ୪ ଲାଖ୍ ଟଙ୍କାର୍ ଫସଲ୍ ଋଣ ୧୮ ଲାଖ୍ ୯୮ ହଜାର୍ ୬ ଶହ ୪୮ ଝନ୍ ଚାଷୀଙ୍କୁ ଯୁଗେଇ ଦିଆଯାଇଥିଲା ।

ଦିବ୍ୟକଲାମେଳା ଆର୍ଏନ୍ୟୁ / ସମ୍ବଲପୁର

ଭାରତ୍ ସର୍କାର୍ଙ୍କର୍ ସାମାଜିକ ନ୍ୟାୟ ଆଉ ସଶକ୍ତିକରଣ୍ ମନ୍ତ୍ରଣାଳୟର ଦିବ୍ୟାଙ୍ଗ ଜନ ସଶକ୍ତିକରଣ୍ ବିଭାଗ୍ ତର୍ଫୁ ଆଏଜ୍ଠାନୁ ଆଏବା ୧୧ ତାରିଖ୍ତକ୍ ଭୁବ୍ନେଶ୍ୱର୍ର କିଟ୍ ବିଶ୍ୱବିଦ୍ୟାଳୟ ପରିସର ନ ଦିବ୍ୟ କଲାମେଳା ଅନୁଷ୍ଠିତ ହେବା । ଦିବ୍ୟାଙ୍ଗ ଉଦ୍ୟୋଗୀଙ୍କର୍ କାରିଗରୀ ଆଉ ଉତ୍ପାଦକେ ତହଁକାବାର୍ ଲାଗି ଇ ମେଳା ଆୟୋଜନ୍ କରାଯାଉଛେ । ମେଳାଥି ଭିନ୍ ଭିନ୍ ରାଜ୍ୟର୍ ଦିବ୍ୟାଙ୍ଗ କାରିଗର ଆଉ ଶିଳ୍ପୀମାନ୍କର୍ ତର୍ଫୁ ସ୍ୱଦେଶୀ ଉତ୍ପାଦର ପ୍ରଦର୍ଶନୀ ଆଉ ବିକ୍ରୟ ଭିଲ୍ ହେବା । ଦିବ୍ୟାଙ୍ଗ ମାନ୍କର୍ ସହାୟକ ଉପକରଣ୍ ମୂଲ୍ୟାଙ୍କନ୍ ଆର୍ ବାଂଟ୍ବାର୍ ସହେତେ ଦିବ୍ୟାଙ୍ଗ ଜନ

ରୋଜ୍‌ଗାର୍ ମେଳା ଭିଲ୍ କରାଯିବା । ଇ ମେଳା ଦିନର୍ ୧୧ ନୁ ସନ୍ଧ୍ୟାର୍ ୬ ବଜେତକ୍ ଚାଲ୍‌ବା ।

ବନକଲାଗି ଆର୍‌ଏନ୍‌ୟୁ /ସମ୍ବଲପୁର

ପୁରୀ ଶ୍ରୀମନ୍ଦିର୍ ନ ଆଏଜ୍‌ଠାନୁ ଆଏବାକାଏଲ୍‌ତକ୍ ଶ୍ରୀଜୀଉମାନ୍‌କର୍ ସବୁଠାନୁ ବଡ଼ ବନକଲାଗି ନୀତି ହେବା । ଇଥିର୍‌ଲାଗି ସ୍ୱତନ୍ତ୍ର ନୀତି ଚୂଡ଼ାନ୍ତ ହେଇଛେ । ଗଲାକାଏଲ୍ ଶ୍ରୀମୁଖ ଶୃଙ୍ଗାର ସେବକ ଦତ ମହାପାତ୍ରଙ୍କର୍ ଘରୁ ଖଡ଼ି ଅଣସର ଘରେ ପହଁଚିଥିଲା । ବଡ଼ଦେଉଳକେ ଖଡ଼ି ବିଜେ ହେବାର୍ ଉତ୍‌ରୁ ଶ୍ରୀମୁଖ ଶୃଙ୍ଗାର ପରବ୍ ମୁଲ୍ ହେଇଛେ । ଦଇତାପତି ଆଉ ପତି ମହାପାତ୍ର ସେବକ ଆଏଜ୍ ଶ୍ରୀନଅରକେ ଖଡ଼ିପ୍ରସାଦ୍ ବିଜେ କର୍‌ବେ ବଲି ଜନାପଡ଼ିଛେ ।

ଶ୍ରୀଗୁଣ୍ଡିଚା ଦିନ ସାଧାରଣ ଲୁକ୍‌କୁ ମନା ଆର୍‌ଏନ୍‌ୟୁ /ସମ୍ବଲପୁର

ଶ୍ରୀଗୁଣ୍ଡିଚା ଦିନ ପୁରୀ ଶ୍ରୀମନ୍ଦିର୍‌କେ ସାଧାରଣ୍ ଲୁକ୍‌କର୍ ପ୍ରବେଶ୍ ଉପ୍‌ରେ କଟ୍‌କନା ଜାରି କରାଯାଇଛେ । ଶ୍ରୀମନ୍ଦିର୍ କାର୍ଯ୍ୟାଳୟ

ତର୍ଫୁ କୁହାଯାଇଛେ ଯେ, ଶ୍ରୀମନ୍ଦିର୍ ନ ନୀତି ସମ୍ପାଦନ୍‌କେ ନଜରଥି ରଖିକରି ଶ୍ରୀଗୁଣ୍ଡିଚା ଯାତ୍ରା ଆଏବା ରଏବାର ଦିନ ଇ କଟ୍‌କନା ଜାରି ରହେବା । ଇଥିର୍‌ଲାଗି ମୂଳ ପାଣ୍ଡି ଦାତାମାନ୍‌କୁ ଭିଲ୍ ଇ ବଛର୍ ଶ୍ରୀଗୁଣ୍ଡିଚା ପହଣ୍ଡି ଦର୍ଶନ୍ ଟିକେଟ୍ ଦିଆ ନାଇଁ ଯାଇଥିବାର୍ ଜନାପଡ଼ିଛେ ।

୮ ତାରିଖ୍ ମୁଖ୍ୟମନ୍ତ୍ରୀଙ୍କର୍ ଅଭିଯୋଗ୍ ଶୁଣାଣି ବନ୍ଦ୍

ଆର୍‌ଏନ୍‌ୟୁ / ସମ୍ବଲପୁର

ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କର୍ ରଥଯାତ୍ରା ଲାଗି ଆଏବା ୮ ତାରିଖ୍ ସୋମ୍‌ବାର୍‌କେ ରାଜ୍ୟ ସର୍‌କାର - ସର୍‌କାରୀ ଛୁଟି ଘୋଷ୍‌ନା କରିଛନ୍ । ଇଥିର୍‌ଲାଗି ଇ ଦିନ ମୁଖ୍ୟମନ୍ତ୍ରୀଙ୍କର୍ ଅଭିଯୋଗ୍ ଶୁଣାଣି ବନ୍ଦ୍ ରହେବା ବଲି ସାଧାରଣ ପ୍ରଶାସନ ଆଉ ସାଧାରଣ୍ ଅଭିଯୋଗ୍ ବିଭାଗ୍ ତର୍ଫୁ ସୂଚ୍‌ନା ଦିଆଯାଇଛେ ।

ଓଡ଼ିଆଥି ଏମ୍‌ବିବିଏସ୍ ଆର୍‌ଏନ୍‌ୟୁ / ସମ୍ବଲପୁର

ଏମ୍‌ବିବିଏସ୍ ପାଠ୍ୟକ୍ରମ୍ ଲାଗି ଓଡ଼ିଆ ପାଠ୍ୟପୁସ୍ତକ ତିଆର୍ କର୍‌ବାର୍‌କେ ରାଜ୍ୟ ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ବିଭାଗ୍

ତର୍ଫୁ ଗୁଟେ କମିଟି ଗଠନ୍ କରାଯାଇଛେ । କମିଟିଥି ଭିନ୍ ଭିନ୍ ସର୍କାରୀ ଡାକ୍ତର୍ଖାନା ଆଉ ମେଡ଼ିକାଲ୍ କଲେଜ୍ର ବଛା ବଛା ୨୨ ଝନ୍ ପ୍ରଫେସର୍ ଆର୍ ଡାକ୍ତର୍ ରହିଛନ୍ । ବିଶେଷଜ୍ଞ କମିଟି ଏମ୍‌ବିବିଏସ୍ ଲାଗି ଥିବାର୍ ବହିକେ ଚିହ୍ନଟ୍ କର୍‌ବେ । ଯେନ୍‌ଟାକି କମିଟି ତର୍ଫୁ ଓଡ଼ିଆ ଭାଷାଥି ଅନୁବାଦ୍ କରାଯିବା ।

ସ୍କୁଲ୍ ୟୁନିଫର୍ମ       ଆର୍‌ଏନ୍‌ୟୁ / ସମ୍ବଲପୁର

ଆଏବା ଶିକ୍ଷା ବଛର୍‌ନୁ ୧ କ୍ଲାସ୍‌ନୁ ୮ କ୍ଲାସ୍‌ତକ୍ ଛାତ୍ରଛାତ୍ରୀମାନ୍‌କର୍ ସ୍କୁଲ୍ ୟୁନିଫର୍ମ ବଦ୍‌ଲିବା ବଲି ଓଡ଼ିଶା ବିଦ୍ୟାଳୟ ଶିକ୍ଷା ପ୍ରାଧିକରଣ୍ ତର୍ଫୁ ସୂଚ୍‌ନା ଦିଆଯାଇଛେ । ୧ ନୁ ୫ କ୍ଲାସ୍‌ତକ୍ ଛାତ୍ରୀମାନ୍‌କୁ ଦୁଇ ହଲ୍ ଫ୍ରକ୍ ଦିଆଯିବା । ୬ ନୁ ୮ କ୍ଲାସ୍‌ର ଛାତ୍ରୀମାନ୍‌କୁ ୨ ହଲ୍ ଲେଖା କମିଜ୍, ସାଲ୍‌ୱାର୍ ଆର୍ ଉଢ଼ନୀ ଦିଆଯିବା । ଇ ବାବ୍‌ଦେ ଆଏବା ଶିକ୍ଷାବଛର୍ ଆଗ୍‌ରୁ ସ୍ୱତନ୍ତ୍ର ନିର୍ଦ୍ଦେଶାବଳୀ ଜାରି ହେବା । ହେଲେ ନୂଆଁ ୟୁନିଫର୍ମର ରଙ୍ଗ୍ ବାବ୍‌ଦେ କିଛି ଜନା ନାଇଁପଡ଼ି ।
ଚଲ୍‌ତି ଶିକ୍ଷା ବଛର୍‌ଥି ୟୁନିଫର୍ମ ନାଇଁ ବଦ୍‌ଲେ ଆଉ ଇ ମାସର୍ ୩୦ ତାରିଖ୍‌ତକ୍ ୟୁନିଫର୍ମ ବାଂଟ୍‌ବାର୍ ଲାଗି ପ୍ରାଧିକରଣ୍ ତର୍ଫୁ ସବୁ ଜିଲ୍ଲା ଶିକ୍ଷା ଅଧିକାରୀମାନ୍‌କୁ ଚିଠି ଲେଖାଯାଇଛେ ।